# ଏକାମ୍ର

ଏକାମ୍ର ଏକାନ୍ତ

ଜାଣିନି ମୃତ କି ଜୀବନ୍ତ

ଶାନ୍ତ କି ସୁପ୍ତ

ଆଶ୍ୱସ୍ତ କି ପ୍ରତିହତ

ଖୋଜୁଛି

    ଦୁଃଖ- ସୁଖ,  ଭୋକ- ଶୋଷ ,

    ବିଷ-ବିଶ୍ୱାସ, ଆଦି-ଅନ୍ତ ,

    ମାୟା- ମୋହ, ମମତା- କ୍ଷମତା

ନିଜଭିତରେ ନିରୋଳାରେ;

ଏକାନ୍ତରେ

ବସିଛି ଧଉଳି ଚୂଳରେ

ଲକ୍ଷ୍ୟ ଦୟା ନଦୀର ଗର୍ଭ

ଶୁଷ୍କ-ରୁକ୍ଷ ବାଲୁକା ସ୍ତୂପ

ଅଶୋକର ପାଦ ଚିହ୍ନ ,

ଆର୍ତ୍ତନାଦ, ଅତ୍ୟାଚାର, ଅଭିସାର

ସବୁ ମନେପଡେ ଗୋଟି ଗୋଟି କରି

ହାହାକାର, ରକ୍ତର ଲହର,

ସମ୍ରାଟବିହୀନ ସାହସୀ ସୈନିକର

"କଳିଙ୍ଗ" କଲ୍ଲୋଳରେ ପୂତ

ଉତ୍କର୍ଷ ଉତ୍କଳୀୟ ଚେତନାର,

ଭାବନାର, ମନନର

“କାରୁବାକୀ”ର ଚିତ୍କାର, ଧିକ୍କାର

ବୁଢୀ ମାଉସୀ ର ବାକ୍ୟ ପ୍ରହାର

ଆଉ “ଚଣ୍ଡାଶୋକ” ର ଉପସଂହାର ।

ଆଜି ହଜିଯାଇଛି ସେ ସବୁ

“ପୂରୁବ ଗୌରବ, ପୂରୁବ ମହିମା ...”

ମିଶିଯାଇଛି “ମିଶୁ ମୋର ଦେହ ... ... “

“ଦୟା” ର ଗର୍ଭରେ ,

ରେତ ରେତ ବାଲୁକା କଣା ରେ ।

ସାମନ୍ୟ କିଛି ନକ୍ସଲଙ୍କ ସାମ୍ନାରେ

ବିଚଳିତ, ଶଙ୍କାତୁର, ଇତସ୍ତତଃ

ଯଯାତିର ରାଜ୍ୟ, ଖାରବେଳର ଦେଶ

ସେହି ତ' ଅବଶୋଷ

ଦୁଃଖର ଉଚ୍ଛ୍ୱାସ

ବିଶ୍ୱାସରେ ହିଁ ବିଷ ।

ଯେମିତି

  “ବିର୍ଶା ମୁଣ୍ଡା” ବିସ୍ମୃତ

  “ଲକ୍ଷ୍ମଣ ନାୟକ” ଲୁପ୍ତ

  “ବାଘା ଯତୀନ” କ୍ଷତ-ବିକ୍ଷତ

  ରକ୍ତାକ୍ତ ଆଉ ବିକ୍ଷିପ୍ତ

କଳା ଟଙ୍କାର ତୀକ୍ଷଣ ପଞ୍ଝାରେ

ରାଜନୀତିଆଙ୍କ ଗୋଟି ଚଲାରେ,

ଆତ୍ମବିଶ୍ୱାସ ର ବିମୋହନରେ

ସ୍ୱାର୍ଥର ସଂକୀର୍ଣ୍ଣତାରେ ।

ସୁପ୍ତ ସିଂହ ଜାଗି ଉଠ,

ବୀର ପୁଙ୍ଗବ ପରି

ନିଜର ମାଟି ମା' ପାଇଁ

ମା'ର ସମ୍ମାନ ରକ୍ଷା ପାଇଁ;

ମନେ ପକାଅ ଥରେ

"ପଛ ଘୁଞ୍ଚା ନାହିଁ ... ... "

"ଲାଲ ମାଟିର ଖୋର୍ଦ୍ଧା ଗଡ"

ଦେଖିବୁ

ପୁଣି ଫେରି ଆସିବେ ସେମାନେ

(ବିଦେଶୀ ପର୍ଯ୍ୟଟକ ମାନେ)

ମରାଳ ମାଳିନୀ ନୀଳାମ୍ବୁକୁ

ମନ୍ଦିର ମାଳିନୀ ନଗରୀକୁ

ଅଳକାପୁରୀକୁ, ଶ୍ରୀକ୍ଷେତ୍ରକୁ

ମର୍ତ୍ତ୍ୟର ନନ୍ଦନକାନନକୁ ।

**(ଦୁଇ ଇଟାଲୀ ପର୍ଯ୍ୟଟକଙ୍କ ସମ୍ମାନାର୍ଥେ ଉତ୍ସର୍ଗୀକୃତ)**

ହିମାଂଶୁ ଶେଖର ବିଶ୍ୱାଳ

୨୮-୦୩-୨୦୧୨, ମିଚିଗାନ, ଯୁକ୍ତରାଷ୍ଟ୍ର ଆମେରିକା